**News Clip**

**Welcome to Hon’ble MP, Dr. R N Behera**

# ଏନ୍‌ଆଇସି, ଭୁବନେଶ୍ୱରରେ ଯାଜପୁର ଲୋକସଭା ସଦସ୍ୟ ଡ. ରବୀନ୍ଦ୍ର ନାରାୟଣ ବେହେରାଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୧୮।୬(ବ୍ୟୁରୋ): ଚଳିତ ସାଧାରଣ ନିର୍ବାଚନରେ ଯାଜପୁର ସଂସଦୀୟ କ୍ଷେତ୍ରରୁ ଏନ୍‌ଆଇସି, ଓଡ଼ିଶାର ପୂର୍ବତନ ଅଧିକାରୀ ଡ. ରବୀନ୍ଦ୍ର ନାରାୟଣ ବେହେରା ସାଂସଦ (ଲୋକସଭା) ଭାବେ ନିର୍ବାଚିତ ହୋଇଛନ୍ତି।

ଏ ପରିପ୍ରେକ୍ଷୀରେ ଏନ୍‌ଆଇସି, ଓଡ଼ିଶାର ସମସ୍ତ କର୍ମଚାରୀ ଭୁବନେଶ୍ୱରସ୍ଥିତ ରାଜ୍ୟ ମୁଖ୍ୟାଳୟରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଡ. ବେହେରାଙ୍କୁ ସମ୍ବର୍ଦ୍ଧନା ଦେଇଛନ୍ତି। ସାଂସଦ ଡ. ବେହେରା ପ୍ରଥମେ ଏନ୍‌ଆଇସିର ପ୍ରତିଷ୍ଠାତା ତଥା ପ୍ରଥମ ମହାନିର୍ଦ୍ଦେଶକ ପଦ୍ମଭୂଷଣ ଡ. ଏନ୍. ଶେଷାଗିରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନିଜ ଅଭିଭାଷଣରେ ଡ. ବେହେରା ଦେଶ ତଥା ରାଜ୍ୟର ଅଗ୍ରଗତିରେ ଟେକ୍ନୋଲୋଜିର ଗୁରୁତ୍ୱ ଏବଂ ଏନ୍‌ଆଇସିର ଭୂମିକା ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ। ସାଂସଦ ଭାବେ ସେ ଏହାକୁ ଅଧିକ ତ୍ୱରାନ୍ୱିତ କରିବେ ବୋଲି କହିଥିଲେ। ଏ ଅବସରରେ ସେ ‘ଦ ଆସେଣ୍ଡର’, ଏନ୍‌ଆଇସିର ମାସିକ ପତ୍ରିକାକୁ ଉନ୍ମୋଚନ କରିଥିଲେ ଓ ରାଜଭାଷା ବ୍ୟବହାରରେ ଉତ୍କୃଷ୍ଟତା ପ୍ରଦାନ କରିଥିବା ପଦାଧିକାରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଏନ୍‌ଆଇସି, ଓଡ଼ିଶାର ଉପ-ମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡ. ଅଶୋକ କୁମାର ହୋତା, ଉପ ମହାନିର୍ଦ୍ଦେଶକ ତଥା ଅତିରିକ୍ତ ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡ. ରାମ କୃଷ୍ଣ ଦାସ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।